# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**12 September– 2026**

---

# ନିବେଶକ ସମ୍ମିଳନୀ

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ଆବୁଧାବୀ ଏବଂ ଦୁବାଇ ଠାରେ ଆୟୋଜନ କରାଯାଇଥିବା ନିବେଶକ ସମ୍ମିଳନୀରେ ୨ଲକ୍ଷ ୪୩ ହଜାର କୋଟିର ପୁଞ୍ଜି ନିବେଶ ପ୍ରସ୍ତାବ ମିଳିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତ ବୁଧବାରଠାରୁ ୩ ଦିନିଆ ନିବେଶକ ସମ୍ମିଳନୀରେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା, ଭିତ୍ତିଭୂମି ନିର୍ମାଣ, ସ୍ୱାସ୍ଥ୍ୟ ଆଦି ଅନେକ କ୍ଷେତ୍ରରେ ପୁଞ୍ଜି ନିବେଶ ପ୍ରସ୍ତାବ ମିଳିଛି । ପ୍ରସ୍ତାବ ଅନୁଯାୟୀ ରାଜ୍ୟର ଶିଳ୍ପ ପ୍ରତିଷ୍ଠା ହେଲେ ୬ ଲକ୍ଷ ୧୮ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

---

# ସେବା ସଂକଳ୍ପ ଅଭିଯାନ

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ରାଜ୍ୟରେ ଚଳିତମାସ ୧୭ ତାରିଖରୁ ଆସନ୍ତା ଅକ୍ଟୋବର ମାସ ୧୭ ତାରିଖ ପର୍ଯ୍ୟନ୍ତ ସେବା ସଂକଳ୍ପ ଅଭିଯାନ ୨୦୨୬ ପାଳନ କରାଯିବ । ସରକାରଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଚଳିତମାସ ୧୭ ତାରିଖରେ ପରିବାର ସ୍ତରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରତ୍ୟେକ ପରିବାର ବିଶେଷକରି ସରକାରୀ

କଲ୍ୟାଣକାରୀ ଯୋଜନାର ହିତାଧିକାରୀମାନଙ୍କୁ ଗୋଟିଏ ଲେଖାଏଁ ଦୀପ ପ୍ରଜ୍ୱଳନ କରିବା ପାଇଁ ପ୍ରୋତ୍ସାହିତ କରାଯିବ ।

ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏ ସଂପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଭଦ୍ରକ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ପାଳନ ନେଇ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

# ଦିବ୍ୟାଙ୍ଗ- ବୈଠକ

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କର ସୁବିଧା ଓ ବିକାଶ ପାଇଁ ସଂପୃକ୍ତ ଅଧିକାରୀମାନଙ୍କ ଦାୟିତ୍ୱ ଏବଂ ଆବଶ୍ୟକ ପଦକ୍ଷେପ ସଂପର୍କରେ ଆଲୋଚନା ହୋଇଥିଲା । ଚଳିତବର୍ଷ ଜିଲ୍ଲାରେ ୩୦୯ ଜଣ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି ।

# ଦାବାଗ୍ନି ଲୀଳା

ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପରଠାରୁ ଚାଲିଆସୁଥିବା ନୀତି କ୍ରମରେ ଆଜି ସନ୍ଧ୍ୟାଧୂପ ପରେ ଶ୍ରୀମନ୍ଦିରରେ ପବିତ୍ର ଦାବାଗ୍ନି ଲୀଳା ଅନୁଷ୍ଠିତ ହେବ । ଦାବାଗ୍ନି ରାକ୍ଷସ କୃଷ୍ଣ ଓ ବଳରାମଙ୍କ ସହ ଯୁଦ୍ଧରେ ପରାସ୍ତ ହେବାର ବିଧିକୁ ଶ୍ରୀମନ୍ଦିରରେ ମାଟିମଣ୍ଡପ ସାହି ଆଖଡ଼ା ପକ୍ଷରୁ ସମ୍ପାଦନ କରାଯିବ । ଅମାବାସ୍ୟା ତିଥିରେ ଗତକାଲି ମହାପ୍ରଭୁଙ୍କର ପରମ୍ପରା ଅନୁସାରେ ସନ୍ଧ୍ୟାଧୂପ ପରେ ବସ୍ତ୍ରହରଣ ନୀତି ଅନୁଷ୍ଠିତ ହୋଇଥିଲା । ପରେ

ଚନ୍ଦନଲାଗି ନୀତି ଶେଷ ହୋଇ ବଡ଼ସିଂହାର ବେଶ ଓ ଭୋଗ ପରେ ରାତ୍ର ପହୁଡ଼ ହୋଇଥିଲା ।

## ପକ୍ଷୀ ଗଣନା

କେନ୍ଦ୍ରାପଡ଼ା ଜିଲ୍ଲା ଭିତରକନିକାରେ ଦେଶୀୟ ପକ୍ଷଙ୍କ ଗଣନା ଶେଷ ହୋଇଛି । ପ୍ରକାଶିତ ରିପୋର୍ଟରେ ଚଳିତବର୍ଷ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ଗତବର୍ଷଠାରୁ ୧ ହଜାର ୪୮୩ ବୃଦ୍ଧି ପାଇଛି । ରାଜନଗର ଡିଏଫ୍‌ଓ ଭରଦରାଜ ଗାଓଁକରଙ୍କ ସୂଚନା ଅନୁଯାୟୀ, ଭିତରକନିକାର ମଠଆଡ଼ିଆ, ଲକ୍ଷ୍ମୀପ୍ରସାଦଡିଆ ଓ ଦୁର୍ଗାପ୍ରସାଦଡିଆରେ ୩ ଦିନ ଧରି ପକ୍ଷୀ ଗଣନା କରାଯାଇଥିଲା । ଜାତୀୟ ଉଦ୍ୟାନରେ ୧୦ ପ୍ରକାର ପକ୍ଷୀଙ୍କ ସମାଗମ ହୋଇଥିବା  ରାଜନଗର ବନଖଣ୍ଡ ପକ୍ଷରୁ କୁହାଯାଇଛି ।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

କଟକ ସହରରେ ଶାନ୍ତିପୂର୍ଣ୍ଣ ଦୁର୍ଗାପୂଜା ପାଳନ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କଟକ ମହାନଗର କମିଶନର କିରଣଦୀପ କୌର ସହୋତା ଓ ପ୍ରଶାସନିକ ଅଧିକାରୀଙ୍କ ସମେତ ଶାନ୍ତିକମିଟିର ପ୍ରତିନିଧିମାନେ ଯୋଗ ଦେଇଥିଲେ । ପୂଜାକମିଟି ଗୁଡ଼ିକୁ ତ୍ୱରିତ  ଅନୁମତି ପ୍ରଦାନ ପାଇଁ ପ୍ରଶାସନ ପକ୍ଷରୁ ସିଙ୍ଗଲଓ୍ୱିଣ୍ଡୋ ବ୍ୟବସ୍ଥା କରାଯିବ ବୋଲି ବୈଠକରୁ ଜଣାପଡ଼ିଛି ।

# ଆମ୍ବ ବଗିଚା

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଉଦ୍ୟାନ କୃଷି ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜାତୀୟ ଉଦ୍ୟାନ କୃଷି ମିଶନରେ  ୨୦ ହେକ୍ଟର ଜମିରେ ଆମ୍ବ ବଗିଚା  ସୃଷ୍ଟି କରିବା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇଥିବା ସୂଚନା ଦିଆଯାଇଛି ।

---

# କ୍ରୀଡ଼ା ପ୍ରତିଯୋଗିତା

ସୁବର୍ଣ୍ଣପୁର ଜିଲ୍ଲା ଇନ୍‌ଡୋର ଷ୍ଟାଡିୟମରେ ତ୍ରୟୋଦଶ ୨ ଦିନିଆ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି । ପ୍ରତିଯୋଗିତାରେ ଯୋଗ, ଟାଇକୁଣ୍ଡୋ, ବ୍ୟାଡମିଣ୍ଟନ, ସନ୍ତରଣ ଏବଂ ବକ୍ସିଂ ଆଦି କ୍ରୀଡ଼ାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ମୋଟ୍ ୧୬୦ ଜଣ ୧୪ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି ।

---

# ଆର୍ଥିକ ସାକ୍ଷରତା ଶିବିର

ଝାରସୁଗୁଡ଼ା ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ଜମେରା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗଦେଇଥିବା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଚିଟ୍‌ଫଣ୍ଡ ଓ ସାଇବର ଅପରାଧରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

---

## ସମବାୟ ବ୍ୟାଙ୍କ ବୈଠକ

କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ୬୭ତମ ସାଧାରଣ ପରିଷଦ ବୈଠକ ନବରଙ୍ଗପୁରଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କର ବିକାଶ, ନୂତନ ରଣନୀତି ଓ ଉନ୍ନତ ସେବା ପ୍ରଦାନ ନେଇ ବୈଠକରେ ଆଲୋଚନା ହୋଇଛି । ନବରଙ୍ଗପୁରରେ ନୂତନ ଶାଖା ଭବନ ନିର୍ମାଣ ପାଇଁ ବୈଠକରେ ୨ କୋଟି ଟଙ୍କାର ବଜେଟ୍ ମଂଜୁର ହୋଇଥିବା ଜଣାପଡ଼ିଛି ।

## ବିଶ୍ୱ ଡଲଫିନ୍ ଦିବସ

ଡଲଫିନ୍ ବିଷୟରେ ସଚେତନତା ସୃଷ୍ଟି ଏବଂ ଏହାର ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଡଲଫିନ୍ ଦିବସ ପାଳନ କରାଯାଉଛି। ୨୦୨୨ ମସିହାରେ ସି.ସେଫରେଡ୍ ଗ୍ଲୋବାଲ୍‌ର ଉଦ୍ୟମ ଏବଂ ସମର୍ଥନ ଦ୍ୱାରା ବିଶ୍ୱ ଡଲଫିନ୍ ଦିବସ ପ୍ରତିବର୍ଷ ସେପ୍ଟେମ୍ବର ମାସ ୧୨ ତାରିଖରେ ପାଳନ କରାଯାଉଛି। ବିଶ୍ୱରେ ୪୨ଟି ଜାତିର ଡଲଫିନ୍ ଅଛନ୍ତି। ଦେଶରେ ୬ ହଜାର ୩୨୭ ଡଲଫିନ୍ ଥିବା ଏକ ଆକଳନରୁ ଜଣାପଡିଛି। ସେଥିମଧ୍ୟରୁ ଚଳିତବର୍ଷ ଓଡ଼ିଶାରେ ମୋଟ୍ ୭୬୫ ଡଲଫିନ୍ ଚିହ୍ନଟ କରାଯାଇଛି। ସ୍ତନ୍ୟପାୟୀ ପ୍ରାଣୀ ଡଲଫିନ୍‌ର ସଂରକ୍ଷଣ ପାଇଁ ବ୍ୟକ୍ତିବିଶେଷ ଏବଂ ସଂଗଠନଗୁଡ଼ିକ ଯତ୍ନନେବା ଲକ୍ଷ୍ୟରେ ବିଶ୍ୱ ଡଲଫିନ୍ ଦିବସ ଏକ ଉତ୍ତମ ସୁଯୋଗ ପ୍ରଦାନ କରେ।

## ବର୍ଷା

ପ୍ରବଳ ବର୍ଷା ଯୋଗୁଁ ମାଲକାନଗିରି ଜିଲ୍ଲା କୋଟେରୁ ନଦୀର ଜଳସ୍ତର ବୃଦ୍ଧି ପାଇଛି । ୩୨୬ ନମ୍ବର ଜାତୀୟ ରାଜପଥରେ ଥିବା କୋଟେରୁ ବ୍ରିଜ୍

ଉପରେ ୧ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ମାଲକାନଗିରି-ମୋଟୁ ମଧ୍ୟରେ ଯାତାୟାତ ବ୍ୟାହତ ହୋଇଛି । ଜିଲ୍ଲା ଜରୁରୀକାଳୀନ କେନ୍ଦ୍ରର ସୂଚନା ଅନୁସାରେ, ଗତ ୨୪ ଘଣ୍ଟାରେ ଜିଲ୍ଲାରେ ମୋଟ୍ ୫୨୪ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ ହୋଇଛି ।

---

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ  ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଏଥିସହିତ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

---